## ପ୍ରାକ-ଗର୍ଭାବସ୍ଥା ଓ ଗର୍ଭସ୍ଥ ଶିଶୁର ଲିଙ୍ଗ ନିରୂପଣ ( PC &PNDT ) ଆଇନ୍ ସମ୍ପର୍କୀତ ଜିଲ୍ଲା ସ୍ତରୀୟ ପରାମର୍ଶଦାତା କମିଟୀ ବୈଠକ ।

### ବିଭିନ୍ନ କ୍ଲିନିକରେ ଷ୍ଟିଂ ଅପରେସନ ଉପରେ ଗୁରୁତ୍ୱ ।

### District Advisory committee and District Task Force meeting on PC &PNDT.

ଅନୁଗୋଳ,ତା.୨୭.୩:- ଅନୁଗୋଳ ଜିଲ୍ଲାରେ ଥିବା ବିଭିନ୍ନ ଅଲଟ୍ରାସାଉଣ୍ଡ କ୍ଲିନିକ୍ ଓ ନର୍ସିଂହୋମ ଗୁଡିକରେ ପି ଏନ୍ ଡି ଟି ଆଇନକୁ କଡାକଡି ପାଳନ କରିବା ନିମନ୍ତେ ଗତକାଲି ପୂର୍ବାହ୍ନରେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ତାଂକ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏକ ଜିଲ୍ଲାସ୍ତରୀୟ ପରାମର୍ଶଦାତା କମିଟୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ପି ସି ଆଣ୍ଡ ପି ଏନ୍ ଡି ଟିର ସହକାରୀ ପରିଚାଳକ ଶ୍ରୀ ପର୍ଶୁରାମ ପଣ୍ଡା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଜିଲ୍ଲାରେ କନ୍ୟା ଭ୍ରୁଣ ହତ୍ୟାକୁ ନିୟନ୍ତ୍ରଣ କରିବା ନିମନ୍ତେ ଶିଶୁ କନ୍ୟାମାନଂକର ଗୁରୁତ୍ୱକୁ ନେଇ ବ୍ୟାପକ ସଚେତନତା ସୃଷ୍ଟି ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ପ୍ରତି ପଂଚାୟତରେ ଯେଉଁ ଶିଶୁକନ୍ୟାମାନେ ସେମାନଂକର ପ୍ରତିଭା ପ୍ରତିପାଦିତ କରିଛନ୍ତି ସେମାନଂକୁ ଚିହ୍ନଟ କରି ସମ୍ବର୍ଦ୍ଧିତ କରିବା ସହ ସେହି ଝିଅମାନଂକୁ ରୋଲ ମଡେଲ ଭାବେ ବିବେଚନା କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଅନୁଗୋଳ ଜିଲ୍ଲାରେ ଅଲଟ୍ରାସାଉଣ୍ଡ ମେସିନ୍ ଯୋଗାଣକାରୀ ସଂସ୍ଥାଗୁଡିକ ବିଗତ ୧୦ ବର୍ଷ ମଧ୍ୟରେ ଜିଲ୍ଲାରେ କେତେ ମେସିନ୍ ବିକ୍ରି କରିଛନ୍ତି ତାର ସମ୍ପୂର୍ଣ୍ଣ ବିବରଣୀ ସଂଗ୍ରହ କରି ଏହାକୁ ତର୍ଜମା କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ବିଗତ ବର୍ଷ ତୁଳନାରେ ଜନ୍ମଗ୍ରହଣ କରିଥିବା ଶିଶୁକନ୍ୟାମାନଂକର ଲିଂଗ ଅନୁପାତରେ ବୃଦ୍ଧି ହୋଇଛି । ୨୦୧୭ରେ ଶିଶୁକନ୍ୟାମାନଂକ ସଂଖ୍ୟା ଅନୁପାତ ୮୯୬ ଥିବାବେଳେ ୨୦୧୮ରେ ଏହା ୯୧୧ରେ ପହଂଚିଥିଲା । ଯେଉଁ ପିତାମାତାମାନେ ଗୋଟିଏ କିମ୍ବା ୨ଟି କନ୍ୟା ସନ୍ତାନ ପରେ ସ୍ଥାୟୀ ବନ୍ଧ୍ୟାକରଣ ଉପାୟ ଅବଲମ୍ବନ କରି ନିଜର ଝିଅମାନଂକୁ ସଠିକ୍ ଭାବେ ଲାଳନପାଳନ କରିଥିବେ ସେମାନଂକୁ ସମ୍ବର୍ଦ୍ଧିତ କରାଯାଇ ଉତ୍ସାହିତ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି । ଜିଲ୍ଲା ତଦାରଖ ଓ ପର୍ଯ୍ୟାଲୋଚନା କମିଟିର ପୁର୍ନଗଠନ କରି ବିଭିନ୍ନ ଅଲଟ୍ରାସାଉଣ୍ଡ କ୍ଲିନିକ୍‌ଗୁଡିକ ଉପରେ ଅତର୍କିତ ଚଢାଉ କାର୍ଯ୍ୟକୁ ତ୍ୱରାନ୍ୱିତ ଭାବେ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ବେଆଇନ୍ ଲିଂଗ ନିରୁପଣ ହେଉଥିବା କ୍ଲିନିକ୍ ଗୁଡିକରେ ସ୍ୱେଚ୍ଛାସେବୀମାନଂକ ସହଯୋଗରେ ଷ୍ଟିଂଗ୍ ଅପରେସନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ବୈଠକର ପ୍ରାରମ୍ଭରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ଅମରେନ୍ଦ୍ରନାଥ ମହାନ୍ତି ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ବୈଠକର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ବୈଠକରେ ଅନ୍ୟମାନଂକ ମଧ୍ୟରେ ଏ ଡି ଏମ୍ ଓ (ମେଡିକାଲ) ଡା.ଲକ୍ଷ୍ମୀ ନାରାୟଣ ବିଶୋଇ, ନାରୀ ସୁରକ୍ଷା ସମିତିର ସମ୍ପାଦିକା ସ୍ମିତା ପଟ୍ଟନାୟକ, ଆଇ.ସି.ଡି.ଏସ୍‌ର ପ୍ରୋଗ୍ରାମ ଅଫିସର ପୌର୍ଣ୍ଣମାସୀ ରଥ, ସ୍ୱେଚ୍ଛାସେବୀ ଶ୍ରୀ ପର୍ଶୁରାମ ଦାସ ଓ ଜ୍ୟୋର୍ତିମୟୀ ଦେହୁରୀ, ଡି ପି ଏମ୍ ଏନ୍ ଏଚ୍ ଏମ୍ ଶ୍ରୀ ବିଶ୍ୱ ରଂଜନ ରଥଙ୍କ ସମେତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ ।



